# ଛେଳି ପାଳନ



SEWAK

Strengthening Rural & Tribal Communities

## ସେବକ

ରଙ୍ଗିଆମୁଣ୍ଡା, ସୁନ୍ଦରଗଡ଼

# ଛେଳି ପାଳନ

ରୋମନ୍ଥନକାରୀ ପ୍ରାଣୀମାନଙ୍କ ମଧ୍ୟରୁ ଛେଳି ମଣିଷର ପ୍ରଥମେ ପୋଷା ମାନିଲା । ତେଣୁ ସବୁ ଗୃହପାଳିତ ପଶୁ ମଧ୍ୟରେ କୁକୁରକୁ ଛାଡ଼ିଦେଲେ ପୃଥିବୀର ଅଧିକାଂଶ ଅଞ୍ଚଳରେ ପ୍ରାୟ ଛେଳି ଦେଖାଯାଆନ୍ତି । ଅତି ଥଣ୍ଡା, ଭୀଷଣ ଗରମ, ଶୁଷ୍କ, ଆର୍ଦ୍ର ତଥା ମରୁଭୂମି ଅଞ୍ଚଳରେ ମଧ୍ୟ ଛେଳି ବେଶ୍ ବଢିପାରେ । ସେହିପରି ମେଣ୍ଢାମାନେ ମଧ୍ୟ ଥଣ୍ଡା ଓ ଗରମ ଅଞ୍ଚଳରେ ବଢିପାରନ୍ତି ।

ଛେଳିମାନଙ୍କର ଚରିବା ପ୍ରକୃତିକୁ ଅନୁଧାନ କରି ଦେଖାଯାଇଛି ଛେଳିମାନେ ସବୁବେଳେ ଉପରକୁ ମୁହଁ କରି ଡାଳପତ୍ର ଖାଇବାକୁ ଭଲ ପାଆନ୍ତି । ଅତି ଆବଶ୍ୟକତା ନଥିଲେ ଛେଳି ତଳକୁ ମୁହଁକରି ଖାଦ୍ୟ ଅନ୍ୱେଷଣ କରେ ନାହିଁ ।

ଆମ ରାଜ୍ୟରେ ଚାଷୀମାନେ ଭାବନ୍ତି, ଝାଡ଼ଜଙ୍ଗଲ ଅଞ୍ଚଳରେ କେବଳ ଛେଳି ପାଳନ କରିହେବ । ତାହା ଭୁଲ । ଛେଳିମାନେ ଚାଷୀଭାଇମାନଙ୍କର ନିଜର ଘରବାଡ଼ି, ବଗିଚା ଇତ୍ୟାଦିକୁ ଘେରେଇବାପାଇଁ ବାଡ଼ରେ ବିଭିନ୍ନ କଞ୍ଚାଗଛ ଓ ସାନ ସାନ ଗଛର ପତ୍ର ଖାଇ ମଧ୍ୟ ଚଳିଯିବେ ।

ଛେଳିମାନଙ୍କ ହଜମଶକ୍ତି ଅନ୍ୟ ସବୁ ପ୍ରକାରର ରୋମନ୍ଥନକାରୀ ପ୍ରାଣୀମାନଙ୍କ ତୁଳନାରେ ଅତି ଦକ୍ଷ । ସେମାନେ ଅତି ନିକୃଷ୍ଟ ଧରଣର ଗୁଳ୍ମପତ୍ର ଓ ଛୋଟଘାସ ଖାଇ ବେଶ୍ ବଢିପାରନ୍ତି । ତେଣୁ ଯେଉଁ ଅଞ୍ଚଳରେ ଅନ୍ୟ କୌଣସି ରକମର ପଶୁପାଳନ ସମ୍ଭବପର ନୁହେଁ, ସେଠାରେ ଛେଳି ପାଳନ କରାଯାଇପାରିବ । ଦେଶର ଚାରଣଭୂମି ଯେପରି କମି କମି ଆସିଲାଣି, ଏହି ପରିସ୍ଥିତିରେ ମଧ୍ୟ ଛେଳି ପାଳନରେ କିଛି ଅସୁବିଧା ହେବ ନାହିଁ ।

ଏଥିଯୋଗୁଁ ବର୍ତ୍ତମାନ ଓଡ଼ିଶାରେ ଛେଳି ପାଳନକୁ ଅଗ୍ରାଧିକାର ଦିଆଯାଉଅଛି । ଚାଷୀମାନେ ଛେଳି ପରିପାଳନ ବିଷୟରେ ସବିଶେଷ ଜାଣିବାପାଇଁ ସେହି ଜାତୀୟ ପଶୁମାନଙ୍କର ଖାଦ୍ୟ, ପ୍ରଜନନ, ରୋଗ ନିରାକରଣ ଓ ପାଳନର ଆର୍ôଥିକ ଦିଗ ବିଷୟରେ ଏଠାରେ ପ୍ରକାଶ କରାଯାଉଅଛି ।

**ଛେଳିମାନଙ୍କୁ ଖୁଆଇବା ପ୍ରଣାଳୀ –**

ଗୋରୁ ଗାଈମାନଙ୍କୁ ଯେଉଁ ପ୍ରଣାଳୀରେ ଖୁଆଯାଇଥାଏ, ଛେଳିମାନଙ୍କୁ ମଧ୍ୟ ସେହି ପ୍ରଣାଳୀରେ ଖୁଆଯାଇଥାଏ । ଛେଳିମାନେ ବିଭିନ୍ନ ପ୍ରକାର ଖାଦ୍ୟ ଖାଇଥାନ୍ତି,

କିନ୍ତୁ ସାଧାରଣତଃ ଗଛର ପତ୍ର ଓ ଛୋଟ ଶାଖା ଖାଇବାକୁ ଅଧିକ ପସନ୍ଦ କରନ୍ତି । ସେମାନଙ୍କର ଛୋଟ ଛୋଟ ବୁଦା ଓ ଲତାରେ ଚଢି ଖାଇବାର ଅଭ୍ୟାସ ଥାଏ ।

ଯେଉଁ ସୁଷମ ଖାଦ୍ୟ ଛେଳୀମାନଙ୍କୁ ଦିଆଯାଇ ପାରିବ, ସେଗୁଡ଼ିକ ହେଲା-ମକା, ଜୁଆର, କୁଣ୍ଡା, ଗହମ ଚୋକଡ଼ ଓ ବାଦାମ ପିଡ଼ିଆ । ଛେଳିମାନେ ଅଧିକ ଶୁଷ୍କ ଜାତୀୟ ଖାଦ୍ୟ ହଜମ କରିଥାନ୍ତି । ଗ୍ରାମ୍ୟ ପରିବେଶରେ ଏହି ଖାଦ୍ୟ ପ୍ରଧାନତଃ ଗଛର ପତ୍ରରୁ ସେମାନେ ପାଇଥାନ୍ତି । ଛେଳିମାନଙ୍କୁ ପତ୍ର ଖୁଆଇ ପାଳନ କରାଯାଇ ପାରିବ । ମାତ୍ର ଯେତେବେଳେ ପତ୍ରର ଅଭାବ ଦେଖାଯାଏ, ସେମାନଙ୍କୁ ସୁଷମ ଦାନା ଦେବାକୁ ପଡ଼ିବ । ଯେଉଁ ସୁଷମ ଦାନା ବଜାରରେ ମିଳୁଛି, ତାହାକୁ କିଣି ଖୁଆଯାଇ ପାରିବ ।

ଖଣ୍ଡ ଦାନାରେ ଧୂଳି କମ୍ ଥିବାରୁ, ଖଣ୍ଡଦାନା ଛେଳିମାନଙ୍କୁ ଖୁଆଇଲେ ଶ୍ୱାସଜନିତ ରୋଗ ହୁଏ ନାହିଁ । ନିମ୍ନରେ ଛେଳିମାନଙ୍କ ପାଇଁ ଏକ ସୁଷମ ଖାଦ୍ୟ ଓ ଦୈନିକ ଖାଦ୍ୟ ନିର୍ଘଣ୍ଟ ଦିଆଗଲା -

**ସୁଷମ ଖାଦ୍ୟ**

| | | |
|---|---|---|
| ମକାଗୁଣ୍ଡ | - | ୫୦ଭାଗ |
| ଗହମ ଚୋକଡ଼ | - | ୩୦ଭାଗ |
| ବାଦାମ ପିଡ଼ିଆ | - | ୧୦ଭାଗ |
| ଗୁଡ଼ | - | ୭ଭାଗ |
| ଲୁଣ | - | ୧ଭାଗ |
| **ମୋଟ** | - | **୧୦୦ ଭାଗ** |

**ବର୍ଦ୍ଧିଷ୍ଣୁ ଓ ବଡ଼ ଛେଳିଙ୍କ ଦୈନିକ ଖାଦ୍ୟ ନିର୍ଘଣ୍ଟ -**

| ଶ୍ରେଣୀ/ବୟସ | ହାରାହାରି ଓଜନ (କିଲୋରେ) | ସୁଷମ ଦାନା (କିଲୋରେ) | ସବୁଜ ଘାସ/ପତ୍ର (କିଲୋରେ) |
|---|---|---|---|
| ବର୍ଦ୍ଧିଷ୍ଣୁ ଛେଳି | ୧୫ରୁ ୨୦ | ୩୦୦ରୁ ୪୦୦ | ୧ -୨ |
| ବଡ଼ ଛେଳି | ୨୫ରୁ ୩୦ | ୨୦୦ରୁ ୩୦୦ | ୨-୩ |
| ଗର୍ଭବତୀ ଛେଳି | ୨୫ ରୁ ୩୦ | ୨୦୦ରୁ ୩୦୦+ | ୨-୩ |
| ଗର୍ଭବତୀ ଛେଳି | ୨୫ରୁ୩୦ | ୨୦୦ରୁ୩୦୦+ | ୨-୩ |

୪-୫ ମାସ ଗର୍ଭାବସ୍ଥାରେ ଅଧିକ ୧୦୦ରୁ ୨୦୦ଗ୍ରାମ ସୁଷମ ଦାନା

| | | | |
|---|---|---|---|
| ଦୁଧିଆଳୀ ଛେଳି | ୨୫ରୁ୩୦ | ୨୦୦-୩୦୦+ | ୨-୩ |

ପ୍ରତି ୧ କିଲୋ ଦୁଗ୍ଧ ଉତ୍ପାଦନରେ ଅଧିକ ୪୦୦ ଗ୍ରାମ ସୁଷମ ଦାନା ଆବଶ୍ୟକ ।

**ଛେଳି ଛୁଆଙ୍କପାଇଁ ଦୈନିକ ଖାଦ୍ୟ ନିର୍ଘଣ୍ଟ -**

| ବୟସ | ହାରାହାରି ଶାରୀରିକ ଓଜନ | ମା'ଠୁ କେତେ ପରିମାଣ ଦୁଗ୍ଧ ପିଇବେ(ଲିଟରେ) | କେତେ ଛେଳିଛୁଆ ଖାଦ୍ୟ ଦିଆଯିବ ଗ୍ରାମରେ | କେତେ ପରିମାଣ ସବୁଜ ଘାସ/ପତ୍ର ଦିଆଯିବ ଗ୍ରାମରେ |
|---|---|---|---|---|
| ଜନ୍ମଠାରୁ ୫ଦିନ | ୧.୫-୨ | କଷକ୍ଷୀର ଯଥେଷ୍ଟ ପରିମାଣ | - | - |
| ୬-୩୦ | ୨-୩ | ୩୦୦-୫୦୦ | ଅଳ୍ପ ପରିମାଣ | ଅଳ୍ପ ପରିମାଣ |
| ୩୦-୬୦ଦିନ | ୩-୫ | ୪୦୦-୫୦୦ | ୫୦-୧୦୦ | ଅଳ୍ପ ପରିମାଣ |
| ୬୦-୯୦ଦିନ | ୫-୭.୫ | ୩୫୦-୫୦୦ | ୧୦୦-୧୫୦ | ୨୫୦ |
| ୯୦-୧୨୦ଦିନ | ୭.୫-୧୦ | - | ୨୦୦-୨୫୦ | ୫୦୦ |
| ୫-୬ମାସ | ୧୦-୧୫ | - | ୨୫୦-୩୦୦ | ୭୫୦ |

ବି.ଦ୍ର. - ୩ ସ୍ତମ୍ଭରେ ଦର୍ଶା ହୋଇଥିବା ଦୁଗ୍ଧ କେବଳ ମା'ଠାରୁ ପିଆଯାଇ ପାରିବ । ଯଦି ମା'ର ମୃତ୍ୟୁ ଘଟେ କିମ୍ବା ମା' ଅଳ୍ପ କ୍ଷୀର ଦେଉଥାଏ, ତେବେ ଅନ୍ୟ ଛେଳିଙ୍କଠାରୁ କ୍ଷୀର ଦୁହିଁ ପିଆଯାଇ ପାରିବ । ସବୁ ଶ୍ରେଣୀର ଛେଳିଙ୍କୁ ଦିନ ରାତି ପ୍ରଚୁର ପରିମାଣରେ ନିର୍ମଳ ପାଣି ପିଇବାକୁ ଦିଅନ୍ତୁ ।

## ଛେଳିଙ୍କ ପ୍ରଜନନ

**ପ୍ରଜନନ ପ୍ରଣାଳୀ -**

ଭାରତର ଛେଳିଙ୍କୁ ଖୋଲାରେ ରଖି ପାଳନ କରାଯାଉଥିବାରୁ ପ୍ରାକୃତିକ ପନ୍ଥାରେ ସେମାନଙ୍କର ସାଧାରଣତଃ ପ୍ରଜନନ ହୋଇଥାଏ । ଏମାନଙ୍କ କ୍ଷେତ୍ରରେ କୃତ୍ରିମ ପ୍ରଜନନ ପ୍ରଣାଳୀ ପ୍ରାୟ ଅନୁସୃତ ହୁଏନାହିଁ । ଛେଳିମାନେ ଋତୁ କାଳୀନ, ପ୍ରଜନନକାରୀ । ଛେଳିଙ୍କ କ୍ଷେତ୍ରରେ ଶୀତ ଋତୁରେ ନଭେମ୍ବରଠାରୁ ଭେବୃୟାରୀ ମଧ୍ୟରେ, ଗ୍ରୀଷ୍ମ ଋତୁରେ ମାର୍ଚ୍ଚରୁ ଜୁନ୍ ମଧ୍ୟରେ ଏବଂ ବର୍ଷା ଋତୁରେ ଜୁଲାଇରୁ ଅକ୍ଟୋବର ମଧ୍ୟରେ ଗରମକୁ ଆସନ୍ତି । ଭାରତୀୟ ଛେଳିମାନେ ସାଧାରଣତଃ ଗ୍ରୀଷ୍ମ ଋତୁରେ ଗର୍ଭବତୀ ହୋଇଥାନ୍ତି ।

**ଋତୁ ଚକ୍ର -**

ଛେଳିମାନେ ୨୧ ଦିନରେ ଥରେ ଗରମକୁ ଆସିଥାନ୍ତି । ଏହି ଗରମ ଅବସ୍ଥା ଛେଳିଙ୍କ ୨୪ରୁ ୩୬ଘଣ୍ଟା ପର୍ଯ୍ୟନ୍ତ ପର୍ଯ୍ୟନ୍ତ ରହେ ।

**ଗରମ ଲକ୍ଷଣ -**

ଛେଳି ମାନଙ୍କଠାରେ ଗରମ ଲକ୍ଷଣ ସହଜରେ ଦେଖାଯାଏ । ଛେଳିମାନେ ଗରମମାନେ ଗରମକୁ ଆସିଲେ ଅଶ୍ୱସ୍ତି ବୋଧ କରନ୍ତି, ବାରମ୍ବାର ବୋବାଳନ୍ତି ଓ ଲାଙ୍ଗୁଡ଼କୁ ଶୀଘ୍ର ଶୀଘ୍ର ଏପଟ ସେପଟ ହଲାଇଥାନ୍ତି । ସେମାନଙ୍କର ଖାଇବା କମିଯାଏ ଓ ସେମାନେ ଦୁଗ୍ଧ ଦେବା ମଧ୍ୟ କମେଇ ଦେଇଥାନ୍ତି । ଛେଳି ଗରମକୁ ଆସିଲେ, ବେଳେ ବେଳେ ସେମାନଙ୍କ ଯୋନିଦ୍ୱାରରୁ ସ୍ୱଚ୍ଛ ଲାଳ ନିର୍ଗତ ହେବାର ଦେଖାଯାଏ । ମାଈ ଛେଳି ଗରମକୁ ଆସିଲେ ଅନ୍ୟ ମାଈ ଛେଳି ଉପରେ ଚଢ଼ିବାର ଦେଖାଯାଏ ।

**ଛେଳିଙ୍କ ସଙ୍ଗମ -**

ସାଧାରଣ ଭାବରେ ୫୦ ଗୋଟି ଛେଳିଙ୍କ ପାଇଁ ଗୋଟିଏ ବୋଦା ଦରକାର ହୋଇଥାଏ । ଛେଳିଟି ସଙ୍ଗମ ହୋଇଛି କି ନା ଠିକ୍ ଭାବରେ ଜାଣିବା ପାଇଁ ବୋଦାର ପେଟରେ ହଳଦୀ ଗୁଣ୍ଡ କିମ୍ୱା ହାଣ୍ଡିକଳା ବୋଳି ଦିଅନ୍ତୁ । ଦିନ ଭିତରେ ବୋଦାଟି କେତୋଟି ଛେଳିକୁ ସଙ୍ଗମ କରିପାରିବ, ତାହା ବୋଦାର ସ୍ୱାସ୍ଥ୍ୟ ଓ ଶକ୍ତି ଉପରେ ନିର୍ଭର କରେ ।

**ଗର୍ଭାବସ୍ଥା ଓ ସନ୍ତାନ ପ୍ରସବ -**

ଛେଳିଙ୍କ କ୍ଷେତ୍ରରେ ଗର୍ଭାବସ୍ଥା ପ୍ରାୟ ୧୫୦ ଦିନ କିମ୍ୱା ତାର ପାଖାପାଖି । ଏହା ଛେଳିଙ୍କ ବଂଶ ଓ ପ୍ରତି ଛେଳି ଓ ଛେଳି ମଧ୍ୟରେ ପୃଥକ ହୋଇପାରେ । ଛେଳିମାନେ ସାଧାରଣତଃ ସେପ୍ଟେମ୍ବରଠାରୁ ନଭେମ୍ବର ମାସ ମଧ୍ୟରେ ପ୍ରସବ କରିଥାନ୍ତି ।

## ବିଭିନ୍ନ ଜାତିର ଛେଳି

ଭୌଗୋଳିକ କାରଣ ଦୃଷ୍ଟିରୁ ଆମ ଦେଶ ଭାରତକୁ ୪ଟି ଅଞ୍ଚଳରେ ବିଭକ୍ତ କରାଯାଇଅଛି ଓ ଏହି ୪ଟି ଅଞ୍ଚଳର ଛେଳିମାନେ କେତେ ଗୁଣରେ ଭିନ୍ନ ।

**୧ - ହିମାଳୟ ପାର୍ବତ୍ୟ ଅଞ୍ଚଳର ଛେଳି :-** କାଶ୍ମୀର, ଉତ୍ତର ପ୍ରଦେଶ, ପଞ୍ଜାବ ଓ ହିମାଚଳ ପ୍ରଦେଶମାନଙ୍କରେ ଏହି ପ୍ରକାରର ଛେଳି ଦେଖାଯାଆନ୍ତି । ସେମାନଙ୍କୁ କାଶ୍ମିରୀ ଓ ଗଦି ବୋଲି ନାମିତ କରାଯାଇଅଛି । ଏମାନେ ପାହାଡ଼ ଚଢ଼ା ଭାରବାହୀ ପଶୁ ଭାବରେ ବ୍ୟବହୃତ ହୋଇଥାଆନ୍ତି । ଏମାନଙ୍କର ଦେହସାରା ସରୁ ସରୁ ସିଲ୍‌କ ପରି ୫-୮ ଇଞ୍ଚ ଲମ୍ବର ଲୋମ ଭରିଥାଏ । ଲୋଭକୁ ପଶ୍ମିନା କୁହାଯାଏ ।

**୨- ଉତ୍ତରାଞ୍ଚଳର ଛେଳି :** ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାନା, ରାଜସ୍ଥାନର ଉତ୍ତରାଞ୍ଚଳ ଓ ହିମାଚଳ ପ୍ରଦେଶର ଦକ୍ଷିଣାଞ୍ଚଳରେ ଏହି ପ୍ରକାର ଛେଳି ଦେଖାଯାଆନ୍ତି । ଏମାନଙ୍କୁ ଯମୁନାପାରି, ବାରବାରୀ ଓ ବିଟାଲ ଜାତିର ଛେଳି ବୋଲି କୁହାଯାଇଥାଏ । ଏହି ଜାତିର ଛେଳିମାନଙ୍କୁ ଲୋକମାନେ ଦୁଗ୍ଧ ଉତ୍ପାଦନ ପାଇଁ ପାଳିଥାଆନ୍ତି । ଏମାନଙ୍କ ମାଂସ ମଧ୍ୟ ସୁସ୍ୱାଦୁ ।

**୩ - ଦକ୍ଷିଣ ଭାରତୀୟ ଛେଳି :-** ମହାରାଷ୍ଟ୍ରର ସୁରତ, ଖଣ୍ଡେଶ ଓ ନାସିକ୍ ଅଞ୍ଚଳରେ ଓ ମଧ୍ୟପ୍ରଦେଶରେ ଏ ଜାତିର ଛେଳି ଦେଖାଯାଆନ୍ତି । ଏମାନଙ୍କୁ ସୁରତି ବା ଖଣ୍ଡେଶୀ ଓ ବେରାରୀ ଜାତୀୟ ଛେଳି ବୋଲି କୁହାଯାଏ । ଏମାନଙ୍କଠାରୁ ଭଲ ଦୁଗ୍ଧ ଉତ୍ପାଦିତ ହୋଇଥାଏ ।

**୪-ପୂର୍ବାଞ୍ଚଳର ଛେଳି :** ଦେଶର ପୂର୍ବାଞ୍ଚଳରେ ଓଡ଼ିଶା, ଆସାମ, ବଙ୍ଗଳା ଆଦି ରାଜ୍ୟର ଏହି ପ୍ରକାରର ଛେଳି ଦେଖାଯାଇଥାନ୍ତି । ଏମାନଙ୍କୁ ବଙ୍ଗୀୟ ଛେଳି (Black Bengal Goat) ଓ ଗଞ୍ଜାମ ଛେଳି ବୋଲି କୁହାଯାଏ । ଆମ ରାଜ୍ୟରେ ଏହି ଦୁଇ ଜାତୀୟ ଛେଳି ସାଧାରଣତଃ ଦେଖାଯାଇଥାଆନ୍ତି । ଏହି ଛେଳିମାନଙ୍କଠାରୁ ଆମ ରାଜ୍ୟରେ ଦୁଗ୍ଧ ସଂଗ୍ରହ କରାଯାଇଥାଏ ଓ ଏମାନଙ୍କର ମାଂସ ମଧ୍ୟ ଖିଆଯାଇଥାଏ । ଏମାନଙ୍କର ଚମଡ଼ା ବିଦେଶରେ ବହୁତ ଆଦୃତ ।

**ବିଦେଶୀ ଛେଳି :-** ଏହି ବିଦେଶୀ ଛେଳିମାନଙ୍କର ନାମ ହେଲା- ଆଲ୍‌ପାଇନ୍, ନିଉବିଆନ୍, ସାନେନ୍, ଟୋଗେନ୍ ବର୍ଗ, ଅଙ୍ଗୋରା ଇତ୍ୟାଦି । ଅଧିକ ଦୁଗ୍ଧ ଉତ୍ପାଦନ ପାଇଁ ଆମ ଦେଶରେ ଏହି ବିଦେଶୀ ଛେଳି ଓ ଦେଶୀୟ ଛେଳି ମଧ୍ୟରେ ପ୍ରଜନନ କରାଯାଇ ସଙ୍କର ଛେଳି ସୃଷ୍ଟି କରାଯାଇଅଛି । କେରଳ ଓ ଆସାମରେ ଅଧିକ ଦୁଗ୍ଧ ଉତ୍ପାଦନଶୀଳ ସଙ୍କର ଛେଳି ଉତ୍ପାଦନ କେନ୍ଦ୍ର ଅଛି ।

## ଛେଳିଙ୍କ ପରିପାଳନ ଓ ଗୃହାଳ

ଛେଳି ଏପରି ଏକ ପ୍ରାଣୀ, ଯିଏ କି ଯେକୌଣସି ଜଳବାୟୁ ସହ ଖାପ ଖୁଆଇ ପାରିବେ । ଛେଳିମାନଙ୍କୁ କେବଳ ଦୁଗ୍ଧ କିମ୍ବା ଉଭୟ ମାଂସ ଓ ଦୁଗ୍ଧ ପାଇଁ ପାଳନ କରାଯାଇଥାଏ । ଯେଉଁ ଘାସ ଅନ୍ୟ ପ୍ରାଣୀମାନଙ୍କୁ ରୁଚିକର ନ ହୋଇପାରେ, ସେହି ପ୍ରକାର ଘାସ ଛେଳିମାନେ ଖାଇ ବଞ୍ଚି ପାରନ୍ତି । ମହିଳାମାନେ ସହଜରେ ଛେଳି ପାଳନ କରିପାରିବେ ଓ ଏମାନଙ୍କୁ ରଖିବା ପାଇଁ ବେଶୀ ସ୍ଥାନ ଦରକାର ହୁଏ ନାହିଁ ।

ପ୍ରତିବର୍ଷ ଛେଳି ସଂଖ୍ୟାର ଏକ ଚତୁର୍ଥାଂଶକୁ ବଧ କରାଯାଉଥିଲେ ମଧ୍ୟ, ସେମାନଙ୍କର ଜନ୍ମ ହାର ଭାରତରେ ସବୁ ପ୍ରାଣୀଙ୍କ ଅପେକ୍ଷା ଅଧିକ। ବର୍ତ୍ତମାନ ସେମାନଙ୍କ ସଂଖ୍ୟା ୧୧୦ ଲକ୍ଷରୁ ଅଧିକ, ଯାହାକି ଗୋରୁଗାଈଙ୍କ ସଂଖ୍ୟାର ଠିକ୍ ତଳକୁ। ଆହୁରି ଗୋଟିଏ ବଡ଼ କଥା ହେଉଛି ଯେ ଏମାନଙ୍କୁ ଦେଶର ପ୍ରାୟ ପ୍ରତ୍ୟେକ ଅଞ୍ଚଳରେ ପାଳନ କରାଯାଇଥାଏ।

**ଦୁଧିଆଳୀ ଛେଳି ବାଛିବା :**

ଛେଳି କିଣିବା ସମୟରେ ସେମାନଙ୍କ ସ୍ୱାସ୍ଥ୍ୟ ଓ ଜାତି ପ୍ରତି ଦୃଷ୍ଟି ଦେବା ଦରକାର। ସ୍ୱାସ୍ଥ୍ୟ ଶବ୍ଦର ଅର୍ଥ ହେଲା ଯେ ଛେଳିଟି ହୃଷ୍ଟପୃଷ୍ଟ ହୋଇଥିବ, ଶରୀର ଭିତରେ ବା ବାହାରେ କୌଣସି କୃମି ରୋଗ ବା ଟିଙ୍କ ଉକୁଣୀ ନଥିବେ କିମ୍ୱା ଦେହର କୌଣସିଠଶରେ କ୍ଷତ ହୋଇ ନଥିବ କିମ୍ୱା କୌଣସିଠାରୁ କିଛି ଲାଳ ବା ଲେଞ୍ଚରା ବୋହୁ ନଥିବ। ଜାତିର ଅର୍ଥ ହେଲା ଯେ ଦୁଧିଆଳୀ ଛେଳିର ସମସ୍ତ ଲକ୍ଷଣ ତା ଦେହରେ ଥିବ। ଦୁଧିଆଳୀ ଛେଳିର ଶରୀର ଲମ୍ୱା, ଗହୀରିଆ ଓ ତିନିକୋଣିଆ ହୋଇଥିବା ବିଧେୟ। ଗଳା ଲମ୍ୱା ଓ ସରୁ ହୋଇଥିବ, ଗୋଡ଼ଗୁଡ଼ିକ ସିଧାସଳଖ, ମଜଭୁତ ଓ ହାଡ଼ ମୋଟାହୋଇଥିବ। ଚମଡ଼ା ପତଳା ଓ ନରମ ହୋଇଥିବ। ପହ୍ନା ଲମ୍ୱା ଓ ଦୁଇଜଙ୍ଘ ମଝିରେ ଲମ୍ୱିଥିବ ଓ ପେଟ ସହ ମଜଭୁତ ଭାବରେ ଲାଗିଥିବ। ଏହା ହାତକୁ ନରମ ଓ ଓ ସ୍ପଞ୍ଜ ଭଳି ଲାଗୁଥିବ।

ବେଦାଟିର ଅଣ୍ଡିରା ପଶୁର ସବୁ ଲକ୍ଷଣମାନ ଥିବ, ହୃଷ୍ଟପୃଷ୍ଟ ଓ ବୀର୍ଯ୍ୟବାନ୍ ହୋଇଥିବ। ଏହାର ଲମ୍ୱା ଓ ବଡ଼ ଶରୀର ଥିବ। ଏହାର ଅଣ୍ଡକୋଷ ଦୁଇ ଜଙ୍ଘ ମଧ୍ୟରେ ଝୁଲୁଥିବ ଓ ଦୁଇଟି ଯାକ ଅଣ୍ଡ ଠିକ୍ ସ୍ଥାନରେ ଥିବ। କେବଳ ଉତ୍କୃଷ୍ଟ ଗୁଣ ଥିବା ଛେଳିଙ୍କ ସନ୍ତାନକୁ ବୋଦା କରାଯିବା ଉଚିତ୍।

**ଛେଳିଙ୍କ ପ୍ରଜନନ :**

ଛେଳିମାନେ ୧୫ ରୁ ୧୮ ମାସ ବୟସ ବେଳକୁ ପ୍ରଥମେ ପ୍ରଜନନକ୍ଷମ ହୁଅନ୍ତି ଓ ପ୍ରାୟ ୨ ବର୍ଷ ବୟସ ବେଳକୁ ପ୍ରଥମ ଥର ଛୁଆ ପ୍ରସବ କରନ୍ତି। ମାଈ ଓ ଅଣ୍ଡିରା ଛେଳି ଛୁଆମାନଙ୍କୁ ୬ ମାସ ବୟସଠାରୁ ଅଲଗା ଅଲଗା ପାଳନ କରାଯିବା ଉଚିତ। ବୋଦାମାନଙ୍କୁ ଏକ ବର୍ଷ ବୟସରୁ ପ୍ରଜନନ ପାଇଁ ବ୍ୟବହାର କରାଯାଇ ପାରିବ। ଗୋଟିଏ ପ୍ରଜନନକ୍ଷମ ବୋଦା ବର୍ଷରେ ୭୫ ରୁ ୧୦୦ ଗୋଟି ଛେଳିଙ୍କୁ ସଙ୍ଗମ କରିପାରିବ।

ସନ୍ତାନ ପ୍ରସବର ୬ ରୁ ୮ ସପ୍ତାହ ପରେ ମାଈ ଛେଳି ପୁଣି ଥରେ ଗରମକୁ ଆସେ ଓ ତାପରେ ଗର୍ଭବତୀ ହେବା ପର୍ଯ୍ୟନ୍ତ ପ୍ରତି ୧୮ ରୁ ୨୧ ଦିନରେ ଗରମକୁ ଆସିଥାଏ। ଯଦିଚ ଦୁଧିଆଳୀ ଛେଳିମାନେ ବର୍ଷରେ ଥରେ ଛୁଆ ଦିଅନ୍ତି। ଯେପରି


୩ ଥର ଛୁଆ ଦେଇପାରିବେ, ସେଥିପାଇଁ ଚେଷ୍ଟା କରାଯିବା ଦରକାର। ଛେଳିମାନଙ୍କ ଗରମ ଲକ୍ଷଣ ପୂର୍ବ ଅଧ୍ୟାୟମାନଙ୍କରେ ବର୍ଣ୍ଣନା କରାଯାଇଛି। ଏମାନଙ୍କ ଗରମ ଅବସ୍ଥା ପ୍ରାୟ ୩୬ ଘଣ୍ଟା ରହେ। ତେଣୁ ଗରମ ଲକ୍ଷଣ ପ୍ରକାଶ ପାଇବାର ୧୦ ରୁ ୧୫ ଘଣ୍ଟା ପରେ ଛେଳିଙ୍କୁ ସଙ୍ଗମ କରାଇବା ଉଚିତ୍। ଯେଉଁ ଛେଳିମାନେ "ଚୋରା ଗରମ" ଲକ୍ଷଣ ପ୍ରକାଶ କରିଥାନ୍ତି, ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖାଯିବା ଉଚିତ୍।

ଛେଳିଟି ଗର୍ଭବତୀ ହେବାପରେ ୧୪୫ରୁ ୧୫୨ଦିନ ମଧ୍ୟରେ ସନ୍ତାନ ପ୍ରସବ କରେ। ଛୁଆ ଦେବାର ଅଳ୍ପ ଦିନ ପୂର୍ବରୁ ପହ୍ନା ଫୁଲିବାକୁ ଆରମ୍ଭ କରେ, ଉରୁର ମାଂସପେଶୀ ତଳକୁ ଝୁଲିପଡ଼େ, ଯୋନିଦ୍ୱାର ଫୁଲିଉଠେ ଓ କୁଞ୍ଚିତ ଦେଖାଯାଏ। ଗର୍ଭବତୀ ଛେଳିମାନଙ୍କୁ ଅଲଗା ସ୍ଥାନରେ ରଖିବା ଉଚିତ୍। ଛେଳି ଶୋଇରହି ଛୁଆ ଜନ୍ମ କରେ। ସାଧାରଣଭାବରେ ପ୍ରସବବେଳେ ଛୁଆର ଆଗଗୋଡ଼ ଦୁଇଟି ଉପରେ ମୁଣ୍ଡ ରହି ପଦାକୁ ବାହାରେ। ଯଦି ପ୍ରସବରେ ଅସୁବିଧା ଦେଖାନଯାଏ, ତେବେ ଅଯଥା ହସ୍ତକ୍ଷେପ କରନ୍ତୁ ନାହିଁ। ମା' ତା'ର ଛୁଆଙ୍କୁ ଚାଟି ସଫା କରି ଦେଇଥାଏ। ତା ନହେଲେ ଗୋଟିଏ ଛିଣ୍ଡା ଅଖା ବା କନାରେ ଛୁଆମାନଙ୍କୁ ପୋଛିଦେବା ଉଚିତ୍। ଛୁଆଟି ଠିକ୍‌ଭାବରେ ନିଃଶ୍ୱାସ ପ୍ରଶ୍ୱାସ ନେଉଛି କି ନା ତାହା ପରୀକ୍ଷା କରି ଦେଖନ୍ତୁ।

ସୁସ୍ଥ ସବଳ ଛେଳି ଛୁଆମାନେ ଜନ୍ମର ଅଳ୍ପ ସମୟ ମଧ୍ୟରେ ଆପେ ଆପେ ଉଠି ଛିଡ଼ା ହୁଅନ୍ତି। ଦୁର୍ବଳ ଛୁଆମାନଙ୍କୁ ଉଠି ଛିଡ଼ା ହେବାରେ ଓ ମା'ର ଦୁଗ୍ଧ ପିଇବାରେ ସାହାଯ୍ୟ କରିବା ଉଚିତ୍। ନବଜାତ ଛେଳି ଛୁଆମାନଙ୍କୁ ଯେତେଶୀଘ୍ର ସମ୍ଭବ କଷକ୍ଷୀର ଖୁଆଇବା ଦରକାର।

**ଛେଳିଙ୍କ ବାସଗୃହ –**

**୧୦ଟି ଛେଳି ପାଇଁ ଗୁହାଳ**



ଉପରୋକ୍ତ ସଂଖ୍ୟାଗୁଡ଼ିକୁ ଫୁଟ ବୋଲି ଧରିବାକୁ ହେବ ।

କ- ମାଇଛେଳୀ ଗୁହାଳ          ଖ – ଗର୍ଭବତୀ ଛେଳି ଗୁହାଳ

ଗ – ଦୁଇ ଗୁହାଳ ଭିତରେ ରାସ୍ତା          ଘ – ବୋଦା ଗୁହାଳ

ଙ – ଛେଳି ଛୁଆଙ୍କ ଗୁହାଳ

| କ୍ରମିକ ସଂଖ୍ୟା | ପ୍ରାଣୀର ପ୍ରକାର | ଏକା କିମ୍ବା ଗୋଠ | ପ୍ରତି ପ୍ରାଣୀ ପାଇଁ ସ୍ଥାନ (ବର୍ଗ ମି.ରେ) |
|---|---|---|---|
| ୧. | ବୋଦା | ଗୋଠରେ | ୧.୮ |
| ୨. | ବୋଦା | ଏକୁଟିଆ | ୩.୨ |
| ୩. | ଛେଳି ଛୁଆ | ଗୋଠରେ | ୦.୪ |
| ୪. | ଦୁଗ୍ଧ ପିଉଥିବା ଛେଳି ଛୁଆ | ଗୋଠରେ | ୦.୮ |
| ୫. | ଦୁଗ୍ଧ ପିଉଥିବା ଛେଳି ଛୁଆ | ଏକୁଟିଆ | ୦.୯ |
| ୬. | ବର୍ଷକିଆ ଛେଳି ଛୁଆ | ଗୋଠରେ | ୦.୯ |
| ୭. | ବର୍ଷକିଆ ଛେଳି ଛୁଆ | ଏକୁଟିଆ | ୧.୦ |
| ୮. | ମାଇ ଛେଳି | ଗୋଠରେ | ୧.୦ |
| ୯. | ମାଇ ଛେଳି | ଏକୁଟିଆ | ୧.୨ |
| ୧୦. | ମାଈ ଛେଳି ଛୁଆ ସହିତ | ଏକୁଟିଆ | ୧.୫ |

ଗ୍ରାମାଞ୍ଚଳର ମହିଳାମାନେ ଗୋଟିଏ କିମ୍ବା ଦୁଇଟି ଛେଳି ପାଳୁଥିଲେ ସେଥିପାଇଁ ସ୍ୱତନ୍ତ୍ର ଗୁହାଳର ଆବଶ୍ୟକତା ପଡ଼େନାହିଁ । ମାତ୍ର ଯେଉଁ ସ୍ଥାନରେ ଛେଳିମାନଙ୍କୁ ରଖାଯିବ ସେ ସ୍ଥାନ ଛାଇ ହୋଇଥିବା ଉଚିତ୍ ଓ ଗୁହାଳର ତଳ ପକ୍କା ଓ ଶୁଖିଲା ହୋଇଥିବା ଦରକାର । ଗୁହାଳରେ ଆଲୋକ ଓ ବାୟୁ ଚଳାଚଳର ବ୍ୟବସ୍ଥା ଥିବା ଉଚିତ୍ । ସେମାନଙ୍କୁ ନିଶ୍ଚିତଭାବେ ଖରାପ ପାଗ, ବଣ୍ୟଜନ୍ତୁ ଓ ଚୋର ଉପଦ୍ରବରୁ ରକ୍ଷା କରାଯିବା ବିଧେୟ । ଛେଳିମାନଙ୍କୁ ଥଣ୍ଡା ହେଲେ ଓ ସେମାନେ ଓଦା ହେଲେ ପ୍ରାୟ ରୋଗାକ୍ରାନ୍ତ ହୋଇଥାନ୍ତି ।

ନିୟମାନୁସାରେ ଛେଳିଙ୍କ ଗୁହାଳ ଅଧିକ ବ୍ୟୟସାପେକ୍ଷ ହେବା ଅନୁଚିତ । ଗୁହାଳଟି ପରିଷ୍କାର ପରିଛନ୍ନ ରହିବ ସଙ୍ଗେ ସଙ୍ଗେ ସେଥିରେ ବାୟୁ ଓ ଆଲୋକ ଚଳାଚଳର ବ୍ୟବସ୍ଥା ଥିବା ଦରକାର । ତାହା ଯେପରି ସନ୍ତସନ୍ତିଆ ନ ରହେ ସେଥିପ୍ରତି ଦୃଷ୍ଟି ଦେବା ଦରକାର । ଗୁହାଳ ଭିତରେ ଓ ବାହାରେ ପାଣି ଯେପରି

ଦରକାର । ବୋଦାମାନଙ୍କର ମୁହଁ ଓ ଆଗଗୋଡ଼ ଦୁଇଟିକୁ ପ୍ରତିଦିନ ଧୋଇ ପରିଷ୍କାର କରିଦେବା ଦରକାର। କାରଣ ବୋଦାମାନେ ଏତେ ଜୋରରେ ପରିସ୍ରା କରନ୍ତି ଯେ, ଏହା ସେମାନଙ୍କ ମୁହଁ ଓ ଆଗଗୋଡ଼ରେ ପଡ଼ି ଓଦା କରି ଦେଇଥାଏ।

ଗୁହାଳରେ ବନ୍ଧା ହେଉଥିବା ଛେଳିମାନଙ୍କ ଖୁରାଗୁଡ଼ିକୁ ମାସରେ ଅନ୍ତତଃ ଥରେ "ଖୁରାକଟା ଯନ୍ତ୍ର"ରେ କାଟି କିମ୍ବା କଇଁଚିରେ କାଟି ଛୋଟ କରିଦେବା ଦରକାର। ନଚେତ୍ ସେମାନଙ୍କ ଚାଲିବାରେ ଅସୁବିଧା ହୋଇଥାଏ।

ଏହାଦ୍ୱାରା ଅନେକ ଛେଳି ମୃତ୍ୟୁମୁଖରେ ପଡ଼ିଥାନ୍ତି। ତେଣୁ ନିୟମିତ ଭାବରେ ଝାଡ଼ା ପରୀକ୍ଷା କରାଇ, କୃମିନାଶକ ଔଷଧ ଖୁଆଇବା ଉଚିତ୍। ଛେଳିମାନଙ୍କର ସାଧାରଣ ସଂକ୍ରାମକ ରୋଗଗୁଡ଼ିକ ହେଲା- ଫାଟୁଆ, ସଂକ୍ରାମକ ଏକ୍‌ଜିମା, ଲେଣ୍ଟିଭୂତାଣୁଜନିତ ରୋଗ, ଛେଳି ବସନ୍ତ, ଗର୍ଭପାତ (ମାଇକୋପ୍ଲାଜୋସିସ୍), ଇ:କୋଲାଇ:, ଏଣ୍ଟେରୋଟକ୍‌ମିଆଁ, କ୍ଲାମାଇଡଓସିସ୍, ପହ୍ନାଫୁଲା ଏବଂ ପରାଙ୍ଗଜୀବୀ ଜନିତ ପାକାଶୟାନ୍ତ୍ରୀୟ ଆମାଶୟ ଓ ଅନ୍ତର ପ୍ରଦାହ ରୋଗମାନ ହୋଇଥାଏ।

## ଛେଳିମାନଙ୍କ ରୋଗ

ଛେଳିମାନେ ସାଧାରଣତଃ କୃମି ଦ୍ୱାରା ଆକ୍ରାନ୍ତ ବହୁତ ହୋଇଥାନ୍ତି ଓ ଏହାଦ୍ୱାରା ଅନେକ ଛେଳି ମୃତ୍ୟୁମୁଖରେ ପଡ଼ିଥାନ୍ତି।

କୃମି କେଉଁଠୁ ଆସନ୍ତି : ଛେଳିମାନଙ୍କ ପେଟରେ ଯେଉଁ ସବୁ କୃମି ବସାବାନ୍ଧି ରକ୍ତ ଶୋଷୁଥାନ୍ତି ସେମାନେ ଅଣ୍ଡା ଦିଅନ୍ତି ଓ ସେସବୁ ଅଣ୍ଡା ଝାଡ଼ା ସହିତ ମିଶି ପଦାକୁ ଆସେ। ପଡ଼ିଆ, ବିଲ, ଗୋଚରରେ ପଲକୁ ପଲ ଛେଳି ମେଣ୍ଢା ଚରିବା ବେଳେ ରୁଗ୍ଣ ଛେଳିମେଣ୍ଢାଙ୍କ ଝାଡ଼ା ବାଟେ କୃମି ଅଣ୍ଡା ସବୁ ପଦାକୁ ଆସି ଘାସ ପତ୍ରରେ ଲାଖିରହନ୍ତି। ଉଷ୍ମ ଓ ଆର୍ଦ୍ର ଜଳବାୟୁରେ ଏସବୁ ଅଣ୍ଡ ଫାଟି ତହିଁରୁ ଲାର୍ଭା ବାହାରନ୍ତି ଓ ଏସବୁ ଲାର୍ଭା ସୁସ୍ଥ ଛେଳି ବା ମେଣ୍ଢାମାନଙ୍କ ପେଟକୁ ଯାଇ କୃମିରେ ପରିଣତ ହୁଅନ୍ତି। ତେବେ ବିଭିନ୍ନ କିସମର କୃମିଙ୍କର ଜୀବନବୃତ୍ତାନ୍ତ ଭିନ୍ନ ଭିନ୍ନ ହୋଇଥାଏ।

ଗବେଷକମାନେ ଅନୁସନ୍ଧାନ କରି ଦେଖିଛନ୍ତି ଯେ, ଗୋଚର ଦଣ୍ଡାରେ (Strongylics) ଜାତିର ଲାଲ୍ କୃମି ଭରି ରହିଥାଆନ୍ତି। ଏହି ଜାତିର କୃମି ତଥା କେଞ୍ଚୁଆ ଓ ଆଙ୍କୁଶ କୃମି (Hacmonchus spp, esophagostonum spp) (Bunostomum spp. Gaigera spp, and Trichostrongly lus spp.) ବର୍ଷାଦିନେ ଗୋଚର ଦଣ୍ଡାରେ ଭରି ରହିଥାନ୍ତି। ଘାସ ଚରିବାବେଳେ ଏସବୁ କୃମି

ଛେଳିଙ୍କ ପେଟକୁ ଯାଆନ୍ତି । ଜୁଲାଇରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଏମାନଙ୍କ ସଂଖ୍ୟା ବହୁତ ଥାଏ । ସବୁଠାରୁ ଅଧିକ ପରିମାଣର କୃମି ଲାର୍ଭା ଘାସ ପଡ଼ିଆରୁ ସେପ୍‌ଟେମ୍ବର ମାସରେ ମିଳିବାର ଦେଖାଯାଏ ।

ଶୀତ ଦିନେ ଗରମ କମିଗଲେ ନଭେମ୍ବର ମାସରୁ ଫେବୃୟାରୀ ଶେଷ ପର୍ଯ୍ୟନ୍ତ ପଡ଼ିଆ ବିଲରୁ କୃମି ସଂଖ୍ୟା କମିଯାଏ । ପୁଣି ମାର୍ଚ୍ଚ ମାସରେ ଗରମ ପଡ଼ିଲେ ଏହି ସଂଖ୍ୟା ବଢ଼ିଯାଏ । ମାତ୍ର ଏପ୍ରିଲ୍ ଠାରୁ ଜୁନ୍ ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପଡ଼ିଗଲେ ଏସବୁ କୃମିଲାର୍ଭା ମରିଯାଆନ୍ତି ଓ ପଡ଼ିଆ ବିଲରେ ଚରିବା କ୍ଷତିକାରକ ହୁଏ ନାହିଁ ।

ଏଥରୁ ଭଲଭାବେ ବୁଝିଲେ ଯେ କୌଣସି ଲୋକ ଛେଳିମାନଙ୍କୁ କୃମିନାଶକ ଔଷଧ ଦେଇ ସୁସ୍ଥ ସବଳ କରି ରଖିପାରିବ । ନିୟମିତ ଭାବରେ କୃମିନାଶକ ଔଷଧ ନ ଦେଇପାରିଲେ, ଯେତେ ଖାଇବାକୁ ଦେଲେ ମଧ୍ୟ ଛେଳି ଦୁର୍ବଳ ହୋଇଯିବ ଓ ଯଥାରୀତି ବଢ଼ିପାରିବ ନାହିଁ । ଫଳରେ ଛାଗ ପାଳକ ଶହେ ଟଙ୍କାର ଜନ୍ତୁଟିକୁ ପଚାଶରେ ବିକ୍ରି କରିବାକୁ ବାଧ୍ୟ ହେବ । ଏସବୁ ଦୃଷ୍ଟିରୁ ନିୟମିତ ଭାବରେ ଝାଡ଼ା ପରୀକ୍ଷା କରାଇ, କୃମି ନାଶକ ଔଷଧ ଖୁଆଇବା ଉଚିତ୍ ।

**କୃମିନାଶକ ଔଷଧ ଦେବାର ସମୟ**

(୧) ଛେଳି ଛୁଆ ଦୁଇମାସର ହୋଇଗଲେ କେଞ୍ଚୁଆ ନାଶକ ଔଷଧ ଦେଇ ଦେବା ଭଲ ।

(୨) ଛେଳିଛୁଆ ଚାରିମାସର ହେବାମାତ୍ରେ ଫିତାକୃମି, ଆଙ୍କୁଶକୃମି ବା ଲାଲ୍‌କୃମି ନାଶକ ଔଷଧ ଦେବା ଭଲ ।

(୩) ବର୍ଷାଦିନ ଶେଷରେ ସବୁତକ ଛେଳିଙ୍କୁ ଦଶହରା ସମୟରେ କୃମିନାଶକ୍ ଔଷଧ ଦେବା ଉଚିତ୍ । ସାଧାରଣତଃ ବଡ଼ ବଡ଼ ଛେଳିଙ୍କର ଆଙ୍କୁଶ ବା ଲାଲ୍‌କୃମି ସହିତ ପତ୍ରକୃମି ସଂକ୍ରମଣ ରହିଥାଏ । ତେଣୁ ଏହି କୃମିନାଶକାରୀ ଔଷଧ ଆଶ୍ୱିନ ମାସରେ ଦେଇଦେବା ଉଚିତ୍ ।

(୪) ଶୀତଋତୁ ଶେଷ ବେଳକୁ ଫାଲ୍‌ଗୁନ ମାସରେ ପୁଣି ଥରେ କୃମିନାଶକ ଔଷଧ ପିଆଇ ଦେବା ଉଚିତ୍ । କାରଣ ଏହା ପରେ ଗ୍ରୀଷ୍ମଋତୁ ପଡ଼ିବ ଓ

ଖରାଦିନେ ଘାସ ପତ୍ରରେ କମ୍ ସଂଖ୍ୟକ କୃମି ସୃଷ୍ଟିକାରୀ ଲାର୍ଭା ରହିଥିବେ। ତେଣୁ ଗ୍ରୀଷ୍ମ ଋତୁ ପୂର୍ବରୁ ପେଟରୁ କୃମି ସଫା ହୋଇଗଲେ ଖରାଦିନେ ଓ ବର୍ଷାଦିନ ସାରା ଛେଳିମାନେ ଭଲ ବଢ଼ିପାରିବେ।

## ଅନ୍ୟାନ୍ୟ ଜୀବାଣୁ ଓ ଭୂତାଣୁ ଜନିତ ରୋଗ

ଛେଳିମାନଙ୍କର ସାଧାରଣ ସଂକ୍ରାମକ ରୋଗ ଗୁଡ଼ିକ ହେଲା- ଫାଟୁଆ, ସଂକ୍ରାମକ, ଏକ୍‌ଜିମା, ଛେଳିବସନ୍ତ, ଗର୍ଭପାତ, ସାହାଣା, ନିମୋନିଆ, ଏଣ୍ଟେରୋଟକ୍ସିମିଆଁ ଇତ୍ୟାଦି ଏହିସବୁ ରୋଗ ବିଷୟରେ ମେଣ୍ଢାର ରୋଗରେ ବର୍ଣ୍ଣନା କରାଯାଇଅଛି।

ଛେଳିମାନଙ୍କୁ ସାହାଣ, ଫାଟୁଆ, ଏଣ୍ଟେରୋଟକ୍‌ସିଆଁ, ଛେଳିବସନ୍ତ ପ୍ରଭୃତି ସଂକ୍ରାମକ ରୋଗ ନ ହେବା ପାଇଁ ପ୍ରତିଷେଧକ ଟୀକା ଦେବା ଦରକାର। ଏଥିପାଇଁ ପଶୁଚିକିତ୍ସିକଙ୍କ ସହିତ ପରାମର୍ଶ କରିବା ଉଚିତ୍।

### କ୍ଷୁଦ୍ରଚାଷୀ ପାଇଁ ଛେଳି ପାଳନ ୟୁନିଟ୍‌ର ଆର୍ଥିକ ଦିଗ
### (୨୦ଟି ମାଇ ଛେଳି + ଗୋଟିଏ ବୋଦା)

### ବିଶିଷ୍ଟ ୟୁନିଟ୍

| | | |
|---|---|---|
| ୧. | ମାଇ ଛେଳି (୧୦ଟି) ଖରିଦ୍ ବାବଦକୁ ଖର୍ଚ୍ଚ | ଟ. ୬୫୦୦.୦୦ |
| ୨. | ଗୋଟିଏ ବୋଦା କିଣା ବାବଦକୁ ଖର୍ଚ୍ଚ | ଟ. ୧୦୦୦.୦୦ |
| ୩. | ପଶୁଙ୍କ ଜୀବନବୀମା (୨.୭୫%) | ଟ. ୩୦୦.୦୦ |
| ୪. | ଔଷଧ ଖର୍ଚ୍ଚ | ଟ. ୧୭୫.୦୦ |
| ୫. | ଛେଳି ଗୁହାଳ ତିଆରି ଖର୍ଚ୍ଚ | ଟ. ୭୦୦.୦୦ |
| | ସମୁଦାୟ | ଟ. ୮୬୭୫.୦୦ |
| | ଅର୍ଥାତ୍ - | ଟ. ୮୭୦୦.୦୦ |

ଯେଉଁମାନେ ଛେଳି ଓ ମେଣ୍ଢାର ବଡ଼ ଧରଣର ଫାର୍ମ କରିବା ପାଇଁ ଚାହୁଁଛନ୍ତି ସେମାନେ ଓଡ଼ିଶା ପଶୁପାଳନ ଓ ପଶୁଚିକିତ୍ସା ନିର୍ଦ୍ଦେଶାଳୟର ବିପଣ ଅଧିକାରୀଙ୍କ ସହିତ ପରାମର୍ଶ କରିବା ଉଚିତ୍।

ବି.ଦ୍ର. - ଏହି ପୁସ୍ତିକାଟି ମୁଖ୍ୟତଃ ଛେଳିଚାଷର ସଂପ୍ରସାରଣ ପାଇଁ ଚାଷୀମାନଙ୍କ ପାଇଁ ବିଭିନ୍ନ ବହିମାନଙ୍କରୁ ସଂଗ୍ରହ କରାଯାଇ ପ୍ରକାଶ କରାଯାଉଅଛି। ଏଥିପାଇଁ ସଂପାଦନା ମଣ୍ଡଳୀ ଦାୟୀ ନୁହଁନ୍ତି।